H.W
12/5/21

Date
Page

# କବିସମ୍ରାଟ ଉପେନ୍ଦ୍ର ଭଞ୍ଜ

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ହେଉଛନ୍ତି ରୀତି ଯୁଗର ଜଣେ ପ୍ରସିଦ୍ଧ କବି । ସେ ଘୁମୁସର, ଗଞ୍ଜାମ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାମହ ହେଉଛନ୍ତି ସାହିତ୍ୟ ରସିକ ବିଦଗ୍ଧ କବି ଧନଞ୍ଜୟ ଭଞ୍ଜ ଓ ~~ପିତା ହେଉଛନ୍ତି~~ ପିତା ହେଉଛନ୍ତି ନୀଳକଣ୍ଠ ଭଞ୍ଜ । ଉପେନ୍ଦ୍ର ଭଞ୍ଜଙ୍କର ଅପୂର୍ବ ଶବ୍ଦ ସଂଯୋଜନାର ବୈଚିତ୍ର୍ୟ, କଳାମଣ୍ଡିତ ଭାଷା ବୈଭବ ଓ ଅଳଙ୍କାର ପ୍ରୟୋଗରେ ନୈପୁଣ୍ୟ ପାଇଁ ତାଙ୍କୁ 'କବି ସମ୍ରାଟ'ର ଉପାଧି ମିଳିଥିଲା । ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ବୈଦେହୀଶ ବିଳାସ ('ବ' ଆଦ୍ୟ ନିୟମରେ ରଚିତ), ସୁଭଦ୍ରା ପରିଣୟ ('ସ' ଆଦ୍ୟ ନିୟମରେ ରଚିତ), ତ୍ରୈଲୋକ୍ୟ ମୋହିନୀ ('ତ' ଆଦ୍ୟ ନିୟମରେ ରଚିତ), କଳା କଉତୁକ ('କ' ଆଦ୍ୟ ଓ ଅନ୍ତ ନିୟମରେ ରଚିତ), ପ୍ରେମସୁଧାନିଧି, ରସିକ ହାରାବଳୀ ଓ ଛାନ୍ଦଭୂଷଣ ହେଉଛି ତାଙ୍କର କେତୋଟି ପ୍ରସିଦ୍ଧ ସାହିତ୍ୟ କୃତି । ତାଙ୍କ ରଚିତ ଚଉପଦୀ ଓ ଚଉତିଶା ଓଡ଼ିଆ ଗୀତିକବିତା ଧାରାରେ ଅପାରଣ ସୃଷ୍ଟି ରୂପେ ବିବେଚିତ ହୋଇଛି । ବିଷୟ-ବିନ୍ୟାସ, ଶବ୍ଦ ଚୟନ, ଅଳଙ୍କାର ପ୍ରୟୋଗ, ପ୍ରକୃତି ଚିତ୍ରଣ ଓ ନାୟକ ନାୟିକାଙ୍କ ରୂପ ବର୍ଣ୍ଣନାରେ ତାଙ୍କର ଅସାଧାରଣ ନିପୁଣତା କୃତିତ୍ୱ ଓ କବିତ୍ୱର ପରିଚୟ ସୁସ୍ପଷ୍ଟ ପରିଲକ୍ଷିତ।